# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 August - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଅଧିକ ଅମଳକ୍ଷମ ଏବଂ ଉଚ୍ଚପୋଷକ ତତ୍ତ୍ୱଯୁକ୍ତ ୧୦୯ଟି ଫସଲର କିସମ ଜାରି କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ହରଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବାକୁ ଜନସାଧାରଣଙ୍କୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ଦେଶବ୍ୟାପୀ ଆଜି ଅନୁଷ୍ଠିତ ହେଉଛି ନିଟ୍ ପିଜି ପ୍ରବେଶିକା ପରୀକ୍ଷା

ଏବଂ

- ମୌସୁମୀର ପ୍ରଭାବରେ ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା

## ପିଏମ୍- କର୍ପସ ରିଲିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ୧୦୯ଟି ଅଧିକ ଅମଳକ୍ଷମ, ଜଳବାୟୁ ସହନଶୀଳ ଏବଂ ଉଚ୍ଚ ପୋଷକତତ୍ତ୍ୱଯୁକ୍ତ ଫସଲର କିସମ ଜାରି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୃଷକ ଏବଂ ବୈଜ୍ଞାନିକମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ୧୦୯ଟି ଫସଲ ମଧ୍ୟରୁ ୩୪ଟି କ୍ଷେତ ଫସଲ ଓ ୨୭ଟି ଉଦ୍ୟାନ କୃଷି ଫସଲ ରହିଛି। କ୍ଷେତ ଫସଲ ମଧ୍ୟରେ ବାଜରା, ତୈଳବୀଜ, ଡାଲିଜାତୀୟ ଫସଲ, ଆଖୁ, କପା, ଫାଇବର ସମେତ ବିଭିନ୍ନ ଶସ୍ୟର ବିହନ ରହିଛି। ଉଦ୍ୟାନ କୃଷି ଫସଲରେ ବିଭିନ୍ନ ପ୍ରକାରର ଫଳ, ପନିପରିବା, ରୋପଣ ଫସଲ, କନ୍ଦମୂଳ, ମସଲା, ଫୁଲ ଏବଂ ଔଷଧୀୟ ବୃକ୍ଷ ରହିଛି।

ଭାରତୀୟ କୃଷକ ସମାଜ ପାଇଁ ଆଜି ଏକ ଐତିହାସିକ ଦିନ  ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଶସ୍ୟ ମାଧ୍ୟମରେ କୃଷକଙ୍କର ଆୟବୃଦ୍ଧି ସହ କୃଷି ଉତ୍ପାଦନ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ହର ଘର ତ୍ରିରଙ୍ଗା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଦେଶ ପ୍ରତି ନିଜର ଭାବନାକୁ ଜାଗ୍ରତ ଓ ଜୀବନ୍ତ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ ଦେଶବାସୀଙ୍କୁ ଜାତୀୟ ପତାକାର ମହତ୍ୱକୁ ଉପଲବ୍ଧ କରାଇବା ଏହି ଅଭିଯାନର ଉଦ୍ଦେଶ୍ୟ ଅଟେ । ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରି 'ହର ଘର ତ୍ରିରଙ୍ଗା ଡଟ୍ କମ୍'ରେ ସେଲଫି ଅପ୍‌ଲୋଡ କରିବାକୁ ଅନୁରୋଧ କରିଛନ୍ତି। ସୂଚନା ଅନୁସାରେ, ସ୍ୱାଧୀନତା ଦିବସ ସମେତ ହର ଘର ତ୍ରିରଙ୍ଗା ଅଭିଯାନର ସଫଳତାର ସହ ଆୟୋଜନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

**ଭଦ୍ରକ** ଜିଲ୍ଲାରେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଲାଗି ପତାକା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ସାଇକେଲ, ମୋଟର ସାଇକେଲ ଶୋଭାଯାତ୍ରା ସହ ତ୍ରିରଙ୍ଗା ପଦଯାତ୍ରା ସେଲ୍‌ଫି ପଏଣ୍ଟ ଆଦିର ଆୟୋଜନ କରାଯିବ।

## କ୍ୟାବିନେଟ୍-ରେଳ ପ୍ରକଳ୍ପ

କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶା ପାଇଁ ୧୫ ହଜାର ୪ କୋଟି ଟଙ୍କାର ୬ଟି ନୂଆ ରେଳପ୍ରକଳ୍ପକୁ ଅନୁମୋଦନ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ମାଝୀ କହିଛନ୍ତି, ରେଳପ୍ରକଳ୍ପଗୁଡ଼ିକ ଯୋଗୁଁ ରାଜ୍ୟରେ ରେଳ ଭିତ୍ତିଭୂମି ସୁଦୃଢ଼ ହେବା ସହ ପରିବହନ, ଶିଳ୍ପ, ବାଣିଜ୍ୟ ଓ ପର୍ଯ୍ୟଟନକୁ ଅଧିକ ଶକ୍ତି ମିଳିବ। ଅନୁମୋଦିତ ରେଳପ୍ରକଳ୍ପ ମଧ୍ୟରେ ଉତ୍ତର ଓଡ଼ିଶାର ୩ଟି ଏବଂ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ୩ଟି ପ୍ରକଳ୍ପ ରହିଛି। ଏହିସବୁ ପ୍ରକଳ୍ପ ରାଜ୍ୟର ଆକାଂକ୍ଷୀ ଜିଲ୍ଲା ତଥା ଆଦିବାସୀ ଅଧ୍ୟୁଷିତ ଅଂଚଳରେ ନିର୍ମାଣ କରାଯିବ।

## ଆଳୁଯୋଗାଣ

ଗ୍ରାହକମାନଙ୍କୁ ସୁଲଭ ଦରରେ ଆଳୁ ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଆଜି ଯୋଗାଣ ବିଭାଗର ଅଧିକାରୀମାନେ ଭୁବନେଶ୍ୱରସ୍ଥିତ ୧ ନମ୍ବର ଓ ୪ ନମ୍ବର ମାର୍କେଟରେ ଥିବା ବିଭିନ୍ନ ଆଳୁ ଦୋକାନ ତଦାରଖ କରିବା ସହ ଆଳୁ କିଲୋ ପ୍ରତି ୩୮ ଟଙ୍କା ମଧ୍ୟରେ ରଖିବାକୁ କହିଛନ୍ତି। ଅଧିକ ଦରରେ ଆଳୁ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି।

## କେନ୍ଦୁଝର ଗସ୍ତ

ରାଜ୍ୟ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଶ୍ରମମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ଦୁଇଦିନିଆ କେନ୍ଦୁଝର ଗସ୍ତରେ ଯାଇ ଚମ୍ପୁଆ ରେଞ୍ଜ୍ ବାଲିବନ୍ଧ ସେକ୍ସନ୍‌ର ବାଘିଆନସା ଭର୍ମି ଭିଲେଜ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବାଘିଆନସା ଗ୍ରାମରେ ଏକ ବନସୁରକ୍ଷା ସମିତି

ଗୃହ ଲୋକାର୍ପଣ କରିବା ସହ ଜିଆଖତ ପ୍ରସ୍ତୁତ କରୁଥିବା ଏସ୍‌ଏଚ୍‌ଜିମାନଙ୍କୁ ୧୩ ଲକ୍ଷ ୨୪ ହଜାର ୮୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି।

# ନିଟ୍-ପିଜି ଏକ୍ସାମ

ନିଟ୍ ପିଜି ପ୍ରବେଶିକା ପରୀକ୍ଷା ୨୦୨୪ ଆଜି ଅନୁଷ୍ଠିତ ହେଉଛି। ଜାତୀୟ ପରୀକ୍ଷଣ ସଂସ୍ଥା ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି । ୨ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ସୂଚନାଯୋଗ୍ୟ ଗତ ଜୁନ୍ ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ଅଭିଯୋଗ ଆସିବା ପରେ ଏହାକୁ ସ୍ଥଗିତ ରଖାଯାଇଥିଲା ।

# ଯୁକ୍ତତିନି ନାମଲେଖା

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତତିନି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତାକାଲି ଅପରାହ୍ଣ ୪ଟାରେ ସାମ୍ସ୍ ପୋର୍ଟାଲ୍‌ରେ କମନ୍ ଆପ୍ଲିକେସନ ଫର୍ମ ଉପଲବ୍ଧ ହେବ। ଇଚ୍ଛୁକ ଛାତ୍ରଛାତ୍ରୀ ଆସନ୍ତା ୨୯ ତାରିଖ ସୁଦ୍ଧା ଆବେଦନ କରିପାରିବେ। ସେପ୍ଟେମ୍ବର ୨ ତାରିଖ ଅପରାହ୍ଣ ୪ଟାରେ ଏହି ପର୍ଯ୍ୟାୟର ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରଛାତ୍ରୀ ସେପ୍ଟେମ୍ବର ୩ ରୁ ୬ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ।

ସୂଚନାଯୋଗ୍ୟ, ରାଜ୍ୟର ୧ ହଜାର ୫୬ଟି ଡିଗ୍ରୀ କଲେଜ୍‌ରେ ଯୁକ୍ତତିନି ନାମଲେଖା ପାଇଁ ମୋଟ୍ ୨ ଲକ୍ଷ ୭୪ ହଜାର ୧୫୧ଟି ସିଟ୍ ରହିଛି। ୧ ଲକ୍ଷ ୭୭ ହଜାର ୬୭୩ ଜଣ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବାବେଳେ ୯୬ ହଜାର ୪୭୮ଟି ସିଟ୍ ଖାଲି ରହିଛି।

# ନିଟ୍ ୟୁଜି ପଞ୍ଜୀକରଣ

ଓଡିଶା ରାଜ୍ୟ ମେଡିକାଲ କାଉନସେଲିଂ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି । ନିଟ୍ ୟୁଜି -୨୦୨୪ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆସନ୍ତା ୧୪ତାରିଖ ମଧ୍ୟରେ ପଞ୍ଜୀକରଣ କରିପାରିବେ । ସୂଚନା ଅନୁସାରେ ଆସନ୍ତା ୧୮ତାରିଖରେ ପ୍ରୋଭିଜିନାଲ ଏବଂ ୨୦ତାରିଖରେ ଚୂଡାନ୍ତ ଚୟନ ତାଲିକା ପ୍ରକାଶ ପାଇବ । କାଉନସେଲିଂ ସମ୍ପର୍କୀତ ସମସ୍ତ ତଥ୍ୟ ଛାତ୍ରଛାତ୍ରୀମାନେ ଓଜେଇଇର ୱେବସାଇଟରୁ ପାଇପାରିବେ ।

## ପତାକା ଉତ୍ତୋଳନ

ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିବେ। ସେହିଭଳି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନୂଆପଡା ଏବଂ ପ୍ରଭାତୀ ପରିଡା କଟକରେ ଜାତୀୟ ପତାକା ଉତ୍ତୋଳନ କରିବେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କଳାହାଣ୍ଡି, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ସୁନ୍ଦରଗଡ଼, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଞ୍ଜାମ, ସ୍ୱାସ୍ଥ୍ୟ ଓ

ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବରଗଡ଼ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମାଲକାନଗିରିରେ ପତାକା ଉତ୍ତୋଳନ କରିବେ। ସେହିଭଳି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନବରଙ୍ଗପୁର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଜପତିରେ ଜାତୀୟ ପତାକା ଉତ୍ତୋଳନ କରିବେ।

## ଶ୍ରୀମନ୍ଦିର ରଥଭଙ୍ଗା

**ପୁରୀ** ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଆଜି ଭୋଇ ସେବକମାନେ ରଥଭଙ୍ଗା କାର୍ଯ୍ୟ କରୁଛନ୍ତି। ପ୍ରଥମେ ମା’ ସୁଭଦ୍ରାଙ୍କ ଦେବଦଳନ ରଥର କଳସରୁ ରଥଭଙ୍ଗା କାମ ଆରମ୍ଭ ହେବାର ପରମ୍ପରା ରହିଛି। ମହାପ୍ରଭୁଙ୍କ ଏହି ରଥଭଙ୍ଗା କାର୍ଯ୍ୟରେ ମୋଟ ୨୦ ଜଣ ଭୋଇ ସେବକ ନିୟୋଜିତ ଅଛନ୍ତି। ସେବକମାନେ ୧୨ ଦିନ ମଧ୍ୟରେ ୩ ରଥ ଭାଙ୍ଗିବା କାର୍ଯ୍ୟ କରିବେ। ମହାପ୍ରଭୁଙ୍କର ରଥର ଚକ, ପ୍ରଭା, ଦ୍ୱାରବେଢ଼ା, କଣଗୁଜକୁ ଶ୍ରୀମନ୍ଦିର ପ୍ରଶାସନ ନିଲାମ କରିଥାଏ ଏବଂ ଅନ୍ୟ କାଠଗୁଡ଼ିକ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ଜାଳ ଭାବରେ ବ୍ୟବହାର କରାଯାଏ।

# ସମର ଅଭ୍ୟାସ

ପୁରୀ ସମୁଦ୍ର ତଟରେ ଆସନ୍ତା ଡିସେମ୍ବର ୪ତାରିଖରେ ନୌସେନା ଦିବସ ପାଳନ କରାଯିବ । ଏହି ଉପଲକ୍ଷେ ସମର ଅଭ୍ୟାସର ଆୟୋଜନ କରାଯିବ । ଏ ନେଇ ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ ତ୍ରିପାଠୀ ପୁରୀରେ ପହଞ୍ଚି ବ୍ଲୁ ଫ୍ଲାଗ ବିଚ୍‌ରେ ନୌସେନାର ଅଧିକାରୀଙ୍କ ସମୀକ୍ଷା

କରିଛନ୍ତି । ସୂଚନା ଅନୁସାରେ ପୁରୀ ବେଳାଭୂମିରେ ପୂର୍ବରୁ ଏୟାର ଶୋ'ର ଆୟୋଜନ କରାଯାଇଥିଲା ।

## ଫାଇଲେରିଆ ନିରାକରଣ

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏଲ୍‌ଜି-୧ ସମ୍ମିଳନୀ କକ୍ଷରେ ଗତକାଲି ଜିଲ୍ଲାସ୍ତରୀୟ ଫାଇଲେରିଆ ନିରୋଧି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ଫାଇଲେରିଆ ନିରାକରଣ ପ୍ରତିରୋଧକ ଡିଇସି, ଆଲ୍‌ବେଣ୍ଡାଜୋଲ୍ ଓ ଆଇଭରମେକ୍‌ଟିନ୍ ଔଷଧ ବଣ୍ଟନ କରାଯିବା ସହିତ ଏହା କିପରି ସେବନ କରିବେ ଏବଂ ରୋଗର ସଠିକ୍ ଉପଚାର କିପରି ହେବ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

ଦେଶର ୨୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି। ଶତପ୍ରତିଶତ ସଫଳତା ହାସଲ ଲକ୍ଷ୍ୟରେ ଘରକୁ ଘର ବୁଲି ଔଷଧ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ପଲ୍ଲୀବିକାଶର ପ୍ରତିଷ୍ଠା ଦିବସ

ନୂଆପଡା ଜିଲ୍ଲା ଖଡିଆଳ ପାଟଣା କ୍ଷତ୍ରୀୟ ସମାଜ ଭବନଠାରେ ୨୪ତମ ପଲ୍ଲୀବିକାଶର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ  ପଲ୍ଲୀବିକାଶର ଭୂମିକା ନେଇ

କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଏହି ଉତ୍ସବରେ ବ୍ଲକ୍ କୃଷି ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ଶିଶୁବିକାଶ ପ୍ରକଳ୍ପର ଅଧିକାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ପ୍ୟାରିସ୍ ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ ଆଜି ଉଦ୍‌ଯାପିତ ହେଉଛି।  ଏହି ଉଦ୍‌ଯାପନୀ ଉତ୍ସବରେ ମନୁ ଭାକର ଓ ପି.ଆର.ଶ୍ରୀଜେସ୍ ଭାରତ ଧ୍ୱଜା ବହନ କରିବେ। ଏହି କ୍ରୀଡା ମହାକୁମ୍ଭରେ ଭାରତରୁ ୧୧୭ ଜଣ ଖେଳାଳି ୧୬ଟି କ୍ରୀଡାରେ ୬୯ଟି ପଦକ ଲାଗି ପ୍ରତିଦ୍ୱନ୍ଦିତା କରିଥିଲେ। ଭାରତ ୫ଟି କାଂସ୍ୟ ଓ ଗୋଟିଏ ରୌପ୍ୟ ସହ ୬ଟି ପଦକ ହାସଲ କରିବାର ଗୌରବ ଲାଭ କରିଛି।

## ପାଣିପାଗ

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଏହାର ପ୍ରଭାବରେ  ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ  ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପକ୍ଷରେ, ରାଜ୍ୟରେ ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ତୁଳନାରେ ୮ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି।

*******************************